



# ଥଣ୍ଡା, କାଶରେ ଆକ୍ରାମାକ୍ରା ଟ୍ୱିନ୍‌ସିଟି

ଭୁବନେଶ୍ୱର, ୨୩।୩(ସମିସ): ଗତ ମାସାଧିକ କାଳ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲୋକଙ୍କୁ ଥଣ୍ଡା, କାଶ ଲାଗି ରହୁଛି। ଯାହାକୁ ନେଇ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଥିବା ବେଳେ ପ୍ରଶାସନିକ ସ୍ତରରେ, ବିଶେଷକରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ଦିଗରେ ଆଶାଜନକ ତତ୍ପରତା ପରିଲକ୍ଷିତ ହେଲା ଭଳି ଲାଗୁନାହିଁ।

■ ଲାଗି ରହୁଛି ଲହରା କାଶ

■ କଫ ସହ ତଣ୍ଟିରୁ ପଡୁଛି ରକ୍ତ



ଦିନେ କି ଦୁଇଦିନ ନୁହେଁ ପ୍ରାୟ ମାସାଧିକ କାଳ ଲାଗି ରହୁଛି ଥଣ୍ଡା, କାଶ। ଅନେକ କ୍ଷେତ୍ରରେ ଜ୍ୱର ଭଳି ଲକ୍ଷଣ ବି ଦେଖା ଦେଉଛି। ପିଲାଠାରୁ ବୁଢ଼ା, ଯୁବତୀଙ୍କଠାରୁ ବୃଦ୍ଧାଙ୍କ ପର୍ଯ୍ୟନ୍ତ କାହାକୁ ଛାଡୁନି। ଦିନରାତି ଖୁଁ ଖୁଁ ହେଉଛନ୍ତି ଲୋକେ। ଘରେ ଘରେ ଏଭଳି ଜଣେ ଦି ଜଣ ରୋଗୀଙ୍କୁ ଦେଖିବାକୁ ମିଳୁଛି। ବିଶେଷକରି ଫେବୃୟାରୀ ଆରମ୍ଭରୁ ଏଭଳି ରୋଗୀଙ୍କ ସଂଖ୍ୟା ରାଜଧାନୀର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳିଛି। ଏମିତି ହେଉଛି କି ଯେଉଁମାନଙ୍କ ସ୍ୱାସଜନିତ ସମସ୍ୟା ରହିଛି ସେମାନେ କାଶି କାଶି ନୟାନ୍ତ ହୋଇଯାଉଛନ୍ତି। ବିଶେଷରି ସନ୍ଧ୍ୟା ହେଲେ ଏଭଳି ଲକ୍ଷଣ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି।

ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁଯାୟୀ ଏମିତି ବଦଳିଲେ ଥଣ୍ଡା, କାଶ, ଜ୍ୱର ହେବା କିଛି ନୁଆ କଥା ନୁହେଁ। କିନ୍ତୁ ସେଭଳି ଲକ୍ଷଣ ଦୁଇ ଚାରିଦିନ ପରେ ଆପେ ଆପେ ଚାଲି ଯାଉଥିଲା। ଏମିତି କି ଔଷଧ ସେବନ କଲେ କିମ୍ବା ଉପଚାର କଲେ ଦିନେ ଦୁଇଦିନ ଭିତରେ ଭଲ ହୋଇଯାଉଥିଲା। କିନ୍ତୁ ଏବେ ତିନିରୁ ୪ ସପ୍ତାହ ଧରି ଏଭଳି କାଶ, ଥଣ୍ଡା ଲାଗି ରହୁଛି। ତଣ୍ଟି ଦରଜ ଏକ ସାଂଘାତିକ ସମସ୍ୟା ସୃଷ୍ଟି କରୁଛି। ଲୋକେ କାଶି କାଶି ନୟାନ୍ତ ହେବା ସହ ତଣ୍ଟି ଛିଡ଼ି ଯାଉଥିବାରୁ କଥାକହିବା ଏବଂ ଖାଦ୍ୟ ଖାଇବା ପିଇବାରେ ସମସ୍ୟା ଭୋଗୁଛନ୍ତି। କେତେକ କ୍ଷେତ୍ରରେ ଔଷଧ ଖାଇଲେ ଥଣ୍ଡା କମିଯାଉଛି ସିନା, ହେଲେ କାଶ କମୁନାହିଁ। ଔଷଧ ଓ କଫସିରପ୍ କିଛି କାମ କରୁନି। ଏମିତି କି ଆଣ୍ଟିବାୟୋଟିକ୍ ସେବନ ପରେ ମଧ୍ୟ କାଶ ଭଲ ହେଉନାହିଁ। ଅନେକ କ୍ଷେତ୍ରରେ ଲୋକେ ବାଧହୋଇ ଦେଶୀ ଚିକିତ୍ସାକୁ ଆପଣାଉଛନ୍ତି। କେହି ମହୁ ସହିତ ପିପଳି, କିମ୍ବା ଅଦା ସେବନ କରୁଛନ୍ତି। କିନ୍ତୁ ରୋଗ ଭଲ ହେବାର ନାଁ ଗନ୍ଧ ଧରୁ ନାହିଁ। କେତେକ କ୍ଷେତ୍ରରେ ଅଳ୍ପ କଫ ପଡୁଛି, ଶୁଖିଲା କାଶ ବି ହେଉଛି। ସପ୍ତାହେ ଦୁଇ ସପ୍ତାହେ ପରେ ତଣ୍ଟି ଛିଡ଼ି କାଶ ପଡୁଛି। ଲୋକେ ଫୁସ୍‌ଫୁସ୍ ସଂକ୍ରମଣ ଓ ଛାତି ରୋଗ ଆଶଙ୍କା କରି ଆତଙ୍କିତ ହୋଇପଡୁଛନ୍ତି। ଗୋଟିଏ ପରେ ଗୋଟିଏ ଡାକ୍ତରଙ୍କ ପାଖକୁ ଯାଇ ନିରାଶ ହେଉଛନ୍ତି। ଏପରିସ୍ଥଳେ ଥଣ୍ଡାରୁ ଦୂରେଇ ରହିବା ପାଇଁ ଡାକ୍ତର ପରାମର୍ଶ ଦେଉଛନ୍ତି।

ଅପାପକ୍ଷେ ଏ ନେଇ କ୍ୟାପିଟାଲ ହସ୍ପିଟାଲର ଡାକ୍ତରଙ୍କ କହିବାନୁଯାୟୀ ଭୂତାଣୁ ସଂକ୍ରମଣରୁ ହେଉଥିବା ଥଣ୍ଡା, କାଶ ଓ ଜ୍ୱର ଭଲ ହେବାକୁ ପ୍ରାୟ ୭ ଦିନ ଲାଗିଥାଏ। ଏବେ ଭୂତାଣୁ ନିଜର ଆଣ୍ଟିଜେନ୍ ବା ବାହ୍ୟ ସଂରଚନା ବଦଳାଉଥିବାରୁ ସୁସ୍ଥ ହେବାକୁ ଅଧିକ ଦିନ ଲାଗୁଛି। ଅଧିକ ଯନ୍ତ୍ରଣା ଅନୁଭବ ହେଲେ କିମ୍ବା କାଶରେ ରକ୍ତ ପଡ଼ିଲେ ଡାକ୍ତରଙ୍କ ପରାମର୍ଶ ନେବାରୁ ସେ କହିଛନ୍ତି। ତେବେ ଜ୍ୱର ହେଉଥିଲେ ଏଭଳି ରୋଗୀ ନିହାତି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି।

## ଜାତୀୟସ୍ତରରେ ସଫଳତା ପାଇଁ କ୍ରୀଡ଼ାବିତଙ୍କୁ ଡିଜିଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୩।୩(ସମିସ): ରାଜ୍ୟ ଏବଂ ଜାତୀୟସ୍ତରର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଓଡ଼ିଶା ପୁଲିସର କ୍ରୀଡ଼ାବିତମାନଙ୍କୁ ସୋମବାର ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ପାଇଁ ପ୍ରଶଂସାପତ୍ର ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ପଦକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ପ୍ରତିଭା, ଶୃଙ୍ଖଳା ଓ ଦୃଢ଼ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି। କ୍ରୀଡାବିତଙ୍କ ଏହି ସଫଳତା ରାଜ୍ୟ ଓ ଓଡ଼ିଶା ପୋଲିସ ପାଇଁ ଗୌରବର ବିଷୟ ଏବଂ ସେମାନଙ୍କ ଏହି ସଫଳତା ଓଡ଼ିଶାର ଯୁବ ପିଢ଼ୀକୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବ ବୋଲି ସେ କହିଥିଲେ। ଉଲ୍ଲେଖନୀୟ ଯେ, ନିକଟରେ ଆୟୋଜିତ ସର୍ବଭାରତୀୟ ପୁଲିସ ଓ ସିନିୟର ନ୍ୟାସନାଲ ଚାମ୍ପିୟନସିପ୍୨୦୨୬ରେ ଓଡ଼ିଶା ପୁଲିସର କ୍ରୀଡ଼ାବିତମାନେ ଏକାଧିକ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ରୋଇଂ ପ୍ରତିଯୋଗିତାରେ ରିତୁ କାଉଡି ଓ ସୋନାଲିକା ଦାସ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସେହିପରି କ୍ୟାନୋଇଂ, କାୟାକିଂ, କରାଟେ ଏବଂ ଆଥଲେଟିକ୍ସ ମଧ୍ୟରେ ମଧ୍ୟ କ୍ରୀଡ଼ାବିତମାନେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ, କଟକରେ ଆୟୋଜିତ ୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିୟନସିପ୍ ୨୦୨୫-୨୬ରେ ଓଡ଼ିଶା ପୁଲିସର ୭ ଜଣ ଆଥଲେଟ୍ ୧୧ଟି ଭିନ୍ନ ବିଭାଗରେ ନୂତନ "ମିଟ୍ ରେକର୍ଡ' ସୃଷ୍ଟି କରି ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ବିଘ୍ନରାଜ ମିରିଡ଼ିଆ, ଅଶୋକ ଦାଣ୍ଡସେନା, ସୁସ୍ମିତା ତିଗା ଓ ସବିତା ଟପ୍ପୋଙ୍କ ଭଳି କ୍ରୀଡ଼ାବିତମାନେ ନିଜ ନିଜ ବର୍ଗରେ ଅସାଧାରଣ ପ୍ରଦର୍ଶନ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

## କଳ୍ପନା ଓ ଚିନ୍ତାମଣିଶ୍ୱର ଟାଙ୍କିରୁ ସରିଗଲା ପେଟ୍ରୋଲ

ଭୁବନେଶ୍ୱର, ୨୩।୩(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଯେତିକି ଭୟଙ୍କର ସ୍ଥିତି ଆଡ଼କୁ ଗତି କରୁଥିଲା ସୋମବାର ମଧ୍ୟାହ୍ନ ବେଳକୁ ଭୁବନେଶ୍ୱର ସହରବାସୀଙ୍କ ମଧ୍ୟରେ ପେଟ୍ରୋଲ ଏବଂ ଏଲପିଜି ସଂକଟ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ଏପରିସ୍ଥଳେ ଭୁବନେଶ୍ୱର ଚିନ୍ତାମଣିଶ୍ୱର ଏବଂ କଳ୍ପନା ପେଟ୍ରୋଲ୍ ପମ୍ପରେ ଆଜି ପେଟ୍ରୋଲ ସରିଯିବାରୁ ଟାଙ୍କି ବନ୍ଦ କରାଯାଇଥିଲା। କଥା ବିଜୁଳି ବେଗରେ ପ୍ରଚାର ହେବା ପରେ ଭୁବନେଶ୍ୱର ଅନ୍ୟ ପେଟ୍ରୋଲ ପମ୍ପଗୁଡ଼ିକରେ ପେଟ୍ରୋଲ ପାଇଁ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଶେଷକରି ଏକାମ୍ର ହାଟ ପାଖରେ ଥିବା ପେଟ୍ରୋଲ୍ ପମ୍ପରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଏହି ପେଟ୍ରୋଲ ପମ୍ପରେ ଯାନବାହାନ ଭିଡ଼ ଲାଗି ରହିଥିଲା। ଦୁଇଚକିଆ ଏବଂ ଚାରି ଚକିଆ ଯାନଗୁଡ଼ିକ ଲାଗି ରହିଥିଲା। ଅପରପକ୍ଷେ ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ଚଢ଼ା ଦରରେ କଳାବଜାରୀ କରୁଛନ୍ତି।



## ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଲେ ଆନ୍ଧ୍ରର ୩୫ ପ୍ରଶାସନିକ ସେବା ଅଧିକାରୀ

ଧଉଳି, ୨୩।୩(ସମିସ): ଭୁବନେଶ୍ୱର ବ୍ଲକ ଅଧୀନ ଧଉଳି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି ପଡୋଶୀ ଆନ୍ଧ୍ରପ୍ରଦେଶର ୩୫ ଜଣ ପ୍ରଶାସନିକ ସେବା ବା ବ୍ଲକ ଉନ୍ନୟନ ଅଧିକାରୀ। ସେମାନେ ପହଞ୍ଚିବା ପରେ ପଞ୍ଚାୟତ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପରେ ସେମାନେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ସହ ସେଗୁଡ଼ିକର କାର୍ଯ୍ୟକ୍ଷମ ଉପରେ ଦୃଷ୍ଟି ଦେଇଥିଲେ। ଏଥିସହ ନିର୍ମାଣାଧିନ ପ୍ରକଳ୍ପ ଗୁଡିକ ଦେଖିଥିଲେ। ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶା ରାଜ୍ୟର ପଞ୍ଚାୟତ ଗୁଡିକର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ପାର୍ଥକ୍ୟ ପରଖିଥିଲେ। ଶେଷରେ ସେମାନେ ବିଶ୍ୱ ପର୍ଯ୍ୟଟନ ସ୍ଥଳି ଶାନ୍ତିସ୍ତୁପ ଧଉଳି ଭ୍ରମଣ କରିଥିଲେ। ଏହି ସମୟରେ ଧଉଳି ପଞ୍ଚାୟତ ସରପଞ୍ଚ ଚନ୍ଦନ କୁମାର ମଲ୍ଲିକ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ(ଜିପିଡିଓ) ରଞ୍ଜିତ କୁମାର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟବ୍ରତ ସାମନ୍ତରାୟ, ଯୋଗାଣ ସହାୟକ ପ୍ରକାଶ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



### ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ପ୍ରତିବାଦ

## ତିନି ବିଧାୟକଙ୍କ କୁଶପୁତ୍ତଳିକା ଦାହ

କଟକ, ୨୩।୩(ସମିସ): ରାଜ୍ୟସଭା ନିର୍ବାଚନରେ ତିନି ବିଧାୟକଙ୍କ କ୍ରସ୍ ଭୋଟିଂକୁ ନେଇ ବିଜୁ ଜନତା ଦଳ କଟକ ମହାନଗର ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟ୍ ସମୟରେ ମାଛୁଆ ବଜାରସ୍ଥିତ ସହିଦ ପାର୍କ ନିକଟରେ ଶତାଧିକ ଦଳୀୟ କର୍ମୀ ଏକତ୍ରିତ ହୋଇ ସମ୍ପୃକ୍ତ ତିନି ବିଧାୟକଙ୍କ ବିରୋଧରେ ନାରାବାଜି କରିବା ସହ ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ତାପସ ମହାନ୍ତି, ଦେବେନ୍ଦ୍ର କାହାଳୀ, ମିତାଳି ଭଞ୍ଜ, ପ୍ରକାଶ ସିଂହ ଏବଂ ପ୍ରଫୁଲ୍ଲ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରସ୍ ଭୋଟିଂକୁ ଦଳ ପ୍ରତି ବିଶ୍ୱାସଘାତକତା ବୋଲି ଅଭିହିତ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ବିଜୁ ଜନତା ଦଳର କୋଷାଧ୍ୟକ୍ଷ ତଥା ମେୟର ସୁବାସ ସିଂହ, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହ ଓ ଜିଲ୍ଲା ମହିଳା ସଭାପତି ଅନୀତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ତାପସ ମହାନ୍ତି, ଉପସଭାପତି ଦେବେନ୍ଦ୍ର କାହାଳୀ, ଏ. ଶ୍ରୀଦେବୀ, ପ୍ରଦୀପ ରାଉତ, ରିତାଞ୍ଜଳୀ ବେହେରା, ବନଲତା ପ୍ରଧାନ, ଇତିଶ୍ରୀ ଦାସ, ଦୀପାଞ୍ଜଳି ସିଂହ, ବସନ୍ତ ବେହେରା, ନମିତା ବେହେରା, କୂରେଷା ନୁର, ପୁଷ୍ପିତା ମହାନ୍ତି, ଅରୁନ୍ଧତୀ କର, ନିଶିଥ କରଣ, ରାଜେଶ ରଣା, ରଞ୍ଜିତା କାହାଳି, ମହମ୍ମଦ ସକିଲ୍, ଆଇନଜୀବୀ ସ୍ୱଦେଶ ଦାସ, ବିଶ୍ୱନାଥ ଧୀର, ଅର୍ଦ୍ଧେନ୍ଦୁ ଶେଖର ମାଝୀ, ସୌମିତ୍ର ମିତ୍ର, ଦେବେନ୍ଦ୍ର ପାଣିଗ୍ରାହୀ, ସ୍ମିତା ମୂଳିଆ, ଅଶୋକ ସିଂହ ଏବଂ ସିକନ୍ଦର ହୁସେନ୍ ପ୍ରମୁଖ ଉପସ୍ଥିତ ରହି ପ୍ରତିବାଦକୁ ସମର୍ଥନ ଜଣାଇଥିଲେ।



## ନାବାଳିକାକୁ ଦୁଷ୍କର୍ମ; ଯୁବକ ଗିରଫ

କଟକ, ୨୩।୩(ସମିସ): କଟକ ସଦର ଥାନା ପୁଲିସ ଆଜି ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକ ଜଣକ ହେଲେ ଏହି ଥାନା ଅଧୀନ ଖଲୋର ଗ୍ରାମର ବିଶ୍ୱଜିତ ସାହୁ (୨୧)। ବିଶ୍ୱଜିତ ଉଲାର ଅଞ୍ଚଳର ଜଣେ ନାବାଳିକାକୁ ଦୀର୍ଘ ଦିନ ଧରି ଭଲପାଇ ତାଙ୍କୁ ବାହାଘରର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। କିଛି ଦିନ ପରେ ନାବାଳିକା ଜଣକ ଯୁବକକୁ ବାହାହେବା ପାଇଁ କହିବାରୁ ସେ ଆଉ ଧରା ଛୁଆଁ ଦେଇ ନ ଥିଲା। ଏମିତିକି ଯୁବକ ଜଣକ ତାକୁ ବାହାହେବା ପରିବର୍ତ୍ତେ ନାବାଳିକାର କିଛି ଅନ୍ତରଙ୍ଗ ଭିଡିଓ ରଖି ତାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଦେଇଥିଲା। ଏଥିରେ ଅତିଷ୍ଠ ହୋଇ ନାବାଳିକା ପରିବାର ପକ୍ଷରୁ କଟକ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୋଗକୁ ଭିତ୍ତି କରି ଥାନା ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଥାନା ଅଧିକାରୀ ପ୍ରଶାନ୍ତ ପାଣି ବିଶ୍ୱଜିତର ଘରେ କାଲି ଚଢଉ କରି ତାକୁ ଧରିଥିଲା। ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

## ସମସ୍ୟାଘେରରେ ମଡେଲ ବସ୍ତି

### ସିଏମସି ଅଫିସ ଆଗରେ ନୂଆପଡ଼ା-ବାଲିସାହି ବସ୍ତିବାସିନ୍ଦାଙ୍କ ଆନ୍ଦୋଳନ



କଟକ, ୨୩।୩(ସମିସ): କଟକ ସହରର ବିଭିନ୍ନ ବସ୍ତିରୁ ବିସ୍ଥାପିତ ହୋଇ ନୂଆପଡ଼ା ବାଲିସାହି ମଡ଼େଲ ବସ୍ତିରେ ଥଇଥାନ ହୋଇଥିବା ହଜାର ହଜାର ବାସିନ୍ଦାଙ୍କ ଜୀବନ ଏବେ ଦୁର୍ବିସହ ହୋଇପଡ଼ିଛି। ସର୍ବନିମ୍ନ ମୌଳିକ ସେବା ଯୋଗାଇବାରେ କଟକ ମହାନଗର ନିଗମ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ କରି ଆଜି 'ଅଖିଳ ଓଡ଼ିଶା ଝୋପଡ଼ିପଟ୍ଟି ମହାସଂଘ' ପକ୍ଷରୁ ବିକାଶ ଭବନସ୍ଥ ଜନଶୁଣାଣୀ ପ୍ରକୋଷ୍ଠ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ଗତ ୫ ବର୍ଷ ମଧ୍ୟରେ ଗଡ଼ଗଡ଼ିଆ ପଠା ଆଦିବାସୀ ସାହି, ବୋଷ ଇଞ୍ଜିନିୟରିଂ ରୋଡ଼, ମାଲଗୋଦାମ ଏବଂ କଲ୍ୟାଣ ନଗର ଭଳି ବିଭିନ୍ନ ଅଞ୍ଚଳର ବସ୍ତିବାସିନ୍ଦାଙ୍କୁ ଏଠାରେ ଥଇଥାନ କରାଯାଇଥିଲା। ମାତ୍ର ପ୍ରାୟ ୧୩୦୦ ଘରର ବାସିନ୍ଦାଙ୍କ ପାଇଁ ଏଠାରେ ପରିସ୍ଥିତି ନର୍କତୁଲ୍ୟ ହୋଇଛି। ବସ୍ତିରେ ନିମ୍ନମାନର ପାଇପ୍ ଯୋଗୁଁ ପ୍ରତି ସପ୍ତାହରେ ପାଇପ୍ ଫାଟି ପାଣି ଯୋଗାଣ ବନ୍ଦ ରହୁଛି। ଗତ ୧୫ ଦିନ ହେଲା ପାଇପ୍ ଫାଟିବା ଯୋଗୁଁ ଗୋଷ୍ଠୀ ଶୌଚାଳୟକୁ ପାଣି ଆସୁନାହିଁ। ଅଧିକାଂଶ ଗୋଷ୍ଠୀ ଶୌଚାଳୟର ଲାଟ୍ରିନ୍ ପ୍ୟାନ୍ ଏବଂ କବାଟ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ମହାସଂଘର ସଭାପତି ବୃନ୍ଦାବନ ଦାସ ଆଜାଦ୍‌ଙ୍କ ନେତୃତ୍ୱରେ ଶତାଧିକ ବାସିନ୍ଦା ଆଜି ସିଏମସି କମିଶନରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କମିଶନରଙ୍କ ଅନୁପସ୍ଥିତିରେ ଅତିରିକ୍ତ କମିଶନର କଳ୍ପତରୁ ବେହେରା ଏବଂ ସୋନା ଟୁଡୁ ଏହି ଦାବିପତ୍ର ଗ୍ରହଣ କରିଥିଲେ। ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଆନ୍ଦୋଳନରେ ହେମନ୍ତ ବିଶ୍ୱାଳ, ସଞ୍ଜୟ ନାୟକ, ବେଣୁଧର ବେହେରାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଓ ବସ୍ତିବାସିନ୍ଦା ସାମିଲ ହୋଇଥିଲେ।

## ଇତିହାସ ପାଲଟିବ ଶତାୟୁ ଲାଲବାଗ

 କଟକ, ୨୩।୩(ସମିସ): ମାଟିରେ ମିଶିବ ଶତାୟୁ ଲାଲବାଗ ଥାନା। ଆଜି ସହରର ସର୍ବପୁରାତନ ଲାଲବାଗ ଥାନାକୁ ଅସ୍ଥାୟୀ ଭାବେ ଆର୍‌ଏନଟି କଲେଜ ନିକଟସ୍ଥ ପୁରୁଣା ଏଜି କାର୍ଯ୍ୟାଳୟକୁ ସ୍ଥାନାନ୍ତରଣ କରାଯାଇଛି। ଏଣିକି ପୁରୁଣା ଏଜି କାର୍ଯ୍ୟାଳୟରେ ଲାଲବାଗ ଥାନା କାର୍ଯ୍ୟକ୍ଷମ ହେବ। ଆଜି ଦିନ ତମାମ ଥାନାର ସମସ୍ତ ଆସବାବପତ୍ର, କମ୍ପ୍ୟୁଟର ଠାରୁ ଆରମ୍ଭ କରି ଜବତ ଗାଡ଼ି ପର୍ଯ୍ୟନ୍ତ ସବୁକିଛି ସ୍ଥାନାନ୍ତର କରାଯାଇଥିଲା। ତେବେ ଆସନ୍ତ କାଲି ଠାରୁ ନୂଆ ଠିକଣାରେ ଲାଲବାଗ ଥାନା କାର୍ଯ୍ୟ କରିବ। ଯଦିଓ ଏଠାରେ ସ୍ଥାୟୀ ଭାବେ ଥାନା ରହିବ ନାହିଁ ତଥା ନୂତନ ବିଲ୍ଡିଂ ନିର୍ମାଣ ହେବା ଯାଏଁ, ଏହି ଠାରେ ଥାନା କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ୧୯୨୪ମସିହା ମେ'ମାସ ୨୪ ତାରିଖରେ ପ୍ରତିଷ୍ଠା କରାଯାଇଥିବା ଏହି ଥାନାର କଳେବର ବଦଳିବ। ଅତ୍ୟାଧୁନିକ ବିଲ୍ଡିଂ ମଧ୍ୟରେ ଜନସାଧାରଣ ପୁଲିସ ସେବା ପାଇବେ। ଏଥି ନିମନ୍ତେ ବିଭାଗୀୟ ନିଷ୍ପତ୍ତି ଶେଷ ହୋଇଛି। ଯୋଜନା ଓ ବ୍ୟୟ ଅଟକଳ କରାଯାଇଛି। କେବଳ ସରକାର ଓ ବିଭାଗୀୟ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଥିବା ଜଣାପଡ଼ିଛି। ଜୁଡ଼ିସିଆଲ ଏକାଡେମୀ ନିକଟରେ ବେଲିଭ୍ୟୁ ଛକରେ ରହିଥିବା ପୁଲିସ କଲ୍ୟାଣ ମଣ୍ଡପକୁ ଭଙ୍ଗାଯାଇ ଏହି ଥାନା ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି। ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନ ଦ୍ୱାରା ଏହାର ନିର୍ମାଣ କରାଯିବ। ନୂତନ ଥାନା ନିର୍ମାଣର ସବୁଜ ସଙ୍କେତ ବା ଅନୁମତି ଆସିବ ପରେ ପୁଲିସ କଲ୍ୟାଣ ମଣ୍ଡପକୁ ଭଙ୍ଗା ଯାଇ ନୂତନ ଥାନା ନିର୍ମାଣ ହେବ ବୋଲି ସୂଚନା ମିଳିଛି। ସେ ପର୍ଯ୍ୟନ୍ତ ପୁରୁଣା ଏଜି କାର୍ଯ୍ୟାଳୟରେ ଥାନା କାର୍ଯ୍ୟକ୍ଷମ ହେବ।

■ ପୁଲିସ କଲ୍ୟାଣ ମଣ୍ଡପରେ ନୂତନ ଥାନା ନିର୍ମାଣ ବିଚାରାଧୀନ

■ ବାଦାମବାଡ଼ି ଥାନା ଓ ମାଲଗୋଦାମ ଥାନା ନିର୍ମାଣ ପ୍ରକ୍ରିୟା କରାଯିବ ତ୍ୱରାନ୍ୱିତ

■ ନୂଆ ମଙ୍ଗଳାବାଗ ଓ ସିଆରଆର୍‌ଆଇ ଥାନା ଢାଞ୍ଚାରେ ହେବ ନିର୍ମାଣ

ସୂଚନା ଅନୁସାରେ, କଟକ ୟୁପିଡିରେ ରହିଥିବା ସମସ୍ତ ଥାନା ମଧ୍ୟରୁ ଏହି ଥାନାର ଶ୍ରେଷ୍ଠ ପରିଚୟ ରହିଛି। ଏଠାରେ ହେଉଥିବା ମାମଲା ଗୁଡ଼ିକ ତ୍ୱରିତ ସମାଧାନ ହେବାର ରେକର୍ଡ ରହିଛି। ୨୦୨୪ ମସିହାରେ ୨୮୩ଟି ମାମଲା, ୨୦୨୩ମସିହାରେ ୩୩୬, ୨୦୨୨ମସିହାରେ ୩୧୧, ୨୦୨୧ ମସିହାରେ ୩୩୦, ୨୦୨୦ମସିହାରେ ୩୨୫, ୨୦୧୯ମସିହାରେ ୩୧୭ଟି ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ କ୍ଷେତ୍ର ଏବଂ ଦୋଷୀକୁ ଗିରଫ କରି କୋର୍ଟ ଚାଲାଣ କରିବାର ରେକର୍ଡ ଅନ୍ୟ ଥାନା ଗୁଡ଼ିକ ତୁଳନାରେ ଉଦାହାରଣ ଯୋଗ୍ୟ। ଏହି ଥାନାର ଭିତ୍ତଭୂମି ଇଂରେଜ ଅମଳର ବୋଲି କୁହାଯାଏ। ନାଲି କୋଠାରେ ପ୍ରତିଷ୍ଠା ହୋଇଥିବା ଥାନାକୁ ନେଇ

### ଏଜି କାର୍ଯ୍ୟାଳୟକୁ ଉଠିଗଲା ଅସ୍ଥାୟୀ ଲାଲବାଗ ଥାନା

ଅନେକ ସ୍ମୃତି ଜଡିତ ରହିଛି। କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ଜନସାଧାରଣଙ୍କୁ ତ୍ୱରିତ ଏବଂ ଗୁଣାତ୍ମକ ସେବା ଯୋଗାଇ ଦେବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ସମସ୍ତ ପ୍ରକାର ବନ୍ଦୋବସ୍ତ କରୁଛନ୍ତି। ଥାନାର ଭିତ୍ତିଭୂମି ଗୁଡ଼ିକୁ ଅତ୍ୟାଧୁନିକ କରାଯାଉଛି। ଏହି ନିକଟ ଭବିଷ୍ୟତରେ ମଙ୍ଗଳାବାଗ ଥାନା ଓ ସିଆର୍‌ଆର୍‌ଆଇ ଥାନା ସ୍ଥାନାନ୍ତରଣ କରାଯାଇଛି। ଅତ୍ୟାଧୁନିକ ବିଲ୍ଡିଂରେ ପୁଲିସ ସେବା ଯୋଗାଇ ଦେଉଛି। ଏହି କ୍ରମରେ ହାଇକୋର୍ଟ ଗେଟ୍ ସମ୍ମୁଖସ୍ଥ ଲାଲବାଗ ଥାନାକୁ ସ୍ଥାନାନ୍ତରଣ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ବହୁ ପୁରାତନ ମଙ୍ଗଳାବାଗ ଥାନା ୧୯୪୯ ମସିହାରେ ନିର୍ମାଣ ହୋଇଥିବା କୋଠାରେ କାର୍ଯ୍ୟ କରିଆସୁଥିଲା। ସ୍ଥାନ ଅଭାବରୁ ଦୀର୍ଘ ବର୍ଷ ହେବ ଥାନାରେ ବିଭିନ୍ନ ସମସ୍ୟା ଲାଗିରହିଥିଲା। ବର୍ଷା ହେଲେ ପୁରୁଣା କୋଠାରୁ ପାଣି ଗଳିବା ସହ ଛାତରୁ ପ୍ଲାଷ୍ଟର ଖସୁଥିଲା। ଏକପ୍ରକାର ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଆସିଥିବା ଥାନାରେ କର୍ମଚାରୀ ବସିବାକୁ ଜାଗା ନଥିଲା। ଯଦ୍ୱାରା ଥାନାରେ କୌଣସି କାମ ଠିକ ଭାବେ ହୋଇପାରୁ ନଥିଲା। ଏଣୁ ୨୦୧୮ ମସିହାରେ ପୁରୁଣା ଥାନାକୁ ଭାଙ୍ଗି ସେଠାରେ ନୂତନ କୋଠା ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ସ୍ଥାନରେ ନୂତନ କୋଠା ନିର୍ମାଣ କରାଯିବାକୁ ଚୂଡାନ୍ତ ହୋଇଥିଲା। ଏଥିଲାଗି ୨୦୨୦ ଜୁନରେ ରାଣୀହାଟ ସ୍ଥିତ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟ ପରିସରରେ ଖାଲିଥିବା ଗୋଟିଏ ଏକର ଜମି ଚିହ୍ନଟ କରାଯାଇଥିଲା। ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନ ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନିତ ହୋଇଥିଲା। ପ୍ରାୟ ଅଢେଇ କୋଟି ଟଙ୍କା ବ୍ୟୟରେ ନିର୍ମିତ କୋଠାରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି। ସେହିପରି ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧିକୁ ନେଇ ସମସ୍ୟା ଲାଗିରହିଥିଲା। ୧୯୮୧ ମସିହାରେ ଚାଉଳିଆଗଞ୍ଜ ଥାନା ପ୍ରତିଷ୍ଠା ସମୟରେ ଅଞ୍ଚଳରେ ଜନସଂଖ୍ୟା ପ୍ରାୟ ୪୦ ହଜାର ଥିଲା। ୨୦୧୦ ସୁଦ୍ଧା ତାହା ପାଖାପାଖି ଦେଢ ଲକ୍ଷ ଛୁଇଁଥିଲା। ଏପଟେ ଥାନାର ପରିସୀମା ଅଧିକ ହୋଇଥିବାରୁ ଆଇନ ଶୃଙ୍ଖଳା ବଜାୟ ରଖିବାରେ ମଧ୍ୟ ଅସୁବିଧା ହେଉଥିଲା। ଏଭଳି ସ୍ଥିତିରେ ଚାଉଳିଆଗଞ୍ଜ ଥାନା ଅଧିନରେ ଥିବା ସିଆରଆରଆଇ ଫାଣ୍ଡିକୁ ଥାନାରେ ରୂପାନ୍ତରିତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ୨୦୧୩ରେ କମିଶନରେଟ ପୁଲିସ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କ୍ରମେ ୨୦୨୨ ସେପ୍ଟମ୍ବରରୁ ଏକ ଭଡା ଘରେ ଥାନା କାର୍ଯ୍ୟକ୍ଷମ ହୋଇଥିଲା। ପରବର୍ତ୍ତୀ ସମୟରେ କଟକ-କନ୍ଦରପୁର ମୁଖ୍ୟ ରାସ୍ତାରେ ଚିହ୍ନଟ ଜମିରେ ନୂତ ଥାନା ଗୃହର ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇ ନିର୍ମାଣ କାର୍ଯ୍ୟ ୧ମାସ ହେବ ସମ୍ପୂର୍ଣ୍ଣ ହୋଇଥିଲା।



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୩.୯୭ ● ପାଉଣ୍ଡ ୧୨୫.୧୯
- ୟୁରୋ ୧୦୮.୫୦ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୨୬,୩୬୦ (ଭୁବନେଶ୍ୱର)
- ରୁପା : ୨,୩୪,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୨,୬୯୬.୦୦
- ନିଫ୍ଟି ୨୨,୫୧୨.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଭାଙ୍ଗିଲା ୪୦ ବର୍ଷର ରେକର୍ଡ

# ସୁନା, ରୁପା ଦର ତଳମୁହାଁ

**● ୨୨ କ୍ୟାରେଟ୍ ସୁନା ୧.୨୬ ଲକ୍ଷ ଟଙ୍କା**

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଭାରତୀୟ ବଜାରରେ ସୁନା ଏବଂ ରୁପା ମୂଲ୍ୟରେ ହ୍ରାସ ଘଟିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ସୁନା ଏବଂ ରୁପା ବଜାର ଉପରେ ପଡିଛି। ଫଳରେ ଏହି ଦୁଇ ଦାମୀ ଧାତୁର ଦାମ୍ ଲଗାତର ଭାବେ ହ୍ରାସ ପାଇବାରେ ଲାଗିଛି। ବଜାର ଅସ୍ଥିର ରହିବା ମଧ୍ୟରେ ମାତ୍ର ୨୪ ଦିନରେ ସୁନା ମୂଲ୍ୟରେ ୨୪ ହଜାର ହ୍ରାସ ଘଟିଲାଣି। ତେବେ ଏହି ସମୟରେ ରୁପା ମୂଲ୍ୟରେ ୬୫ ହଜାର ହ୍ରାସ ପରିଲକ୍ଷିତ ହୋଇଛି। ରାଜଧାନୀ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ୧.୨୬ ଲକ୍ଷ ଟଙ୍କାକୁ ଖସିଆସିଛି। ଗତ ୪୦ ବର୍ଷ ମଧ୍ୟରେ ସୁନା ମୂଲ୍ୟରେ ଏହାକୁ ସବୁଠାରୁ ବଡ଼ ହ୍ରାସ କୁହାଯାଉଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ ଅନୁଯାୟୀ, ନୂଆଦିଲ୍ଲୀରେ ସୋମବାର ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନା ୧.୩୫ ଲକ୍ଷ ଟଙ୍କାରୁ କାରବାର ଆରମ୍ଭ କରିଥିବାବେଳେ ଏଥିରେ ୧୨,୦୭୭ ଟଙ୍କା ହ୍ରାସ ପାଇଛି। ଏହି ସମୟରେ ଏକ କିଲୋଗ୍ରାମ ରୁପା ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ରୁପା ମୂଲ୍ୟ କିଲୋ ପିଛା ୨.୦୧ ଲକ୍ଷ ଟଙ୍କାରେ କାରବାର ଆରମ୍ଭ କରି ୩୦,୧୦୪ ଟଙ୍କା ହ୍ରାସ ଘଟିଛି।



### କାହିଁକି କମୁଛି ଦର

ବିଶେଷଜ୍ଞଙ୍କ ଅନୁଯାୟୀ, ଆମେରିକା ଫେଡେରାଲ୍ ରିଜର୍ଭ ଏବଂ ବିଶ୍ୱର ଅନ୍ୟାନ୍ୟ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର କଠୋର ମନୋଭାବ ପୋଷଣ ଯୋଗୁଁ ଆମେରିକୀୟ ଟ୍ରେଜେରୀ ଇଲ୍ଡ ଏବଂ ଆମେରିକୀୟ ମୁଦ୍ରା ଅନ୍ୟ ସମ୍ପତ୍ତିକୁ ପଛରେ ପକାଇପାରେ। ଏହି କାରଣରୁ ଆମେରିକା-ଇରାନ ଯୁଦ୍ଧ ବୃଦ୍ଧି ପାଇବା ସତ୍ତ୍ୱେ ସୁନା ଏବଂ ରୁପା ମୂଲ୍ୟ ହ୍ରାସ ପାଉଛି। ଏଗୁଡ଼ିକ ମୁଖ୍ୟତଃ ଆମେରିକା-ଇରାନ ଯୁଦ୍ଧ ଏବଂ ଅଶୋଧିତ ତୈଳ ମୂଲ୍ୟ ଦ୍ୱାରା ପ୍ରଭାବିତ।

## ଆଦିତ୍ୟ ଆଲୁମିନିୟମ୍ ଲପଙ୍ଗା ପକ୍ଷରୁ ଆମ୍ବୁଲାନ୍ସ ଦାନ



**ଭୁବନେଶ୍ୱର, ୨୩।୩(ସମିସ):** ଆଦିତ୍ୟ ଆଲୁମିନିୟମଲପଙ୍ଗା ପକ୍ଷରୁ ରେଙ୍ଗାଲି ପିଏଚ୍‌ସିକୁ ବିଭିନ୍ନ ସୁବିଧା ଯଥା ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଏହାଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ରୋଗୀ ସମ୍ବଲପୁର ମେଡିକାଲ୍ ଓ ବୁର୍ଲା ମେଡିକାଲ୍ କୁ ମାଗଣାରେ ପହଞ୍ଚିପାରିବେ। ଏଥିସହିତ ବିଶେଷଜ୍ଞ ଡାକ୍ତର ମଧ୍ୟ ( ଶିଶୁ ରୋଗ, ସ୍ତ୍ରୀ ରୋଗ , ମେଡିସିନ) ଯୋଗାଇ ଦିଆଯାଇଛି। ରୋଗୀଙ୍କୁ ମାଗଣା ଏକ୍ସ'ରେ ସୁବିଧା ଦେବା ପାଇଁ ମା ସମଲେଶ୍ୱରୀ ହସ୍ପିଟାଲ ସହିତ ଯୋଗାଯୋଗ କରାଯାଇ ସୁବିଧା କରାଯାଇଛି। ଉକ୍ତ ସୁବିଧା ଦ୍ୱାର ରେଙ୍ଗାଲି ବ୍ଲକର ପ୍ରାୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ଉଦଘାଟନ ସମୟରେ ରେଙ୍ଗାଲି ବ୍ଲକର ପୂର୍ବତନ ବିଧାୟକ ଦୁର୍ଯୋଧନ ଗଡତିଆ, ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲ୍ଲାପରିଷଦ ଦେଓନାରାୟଣ ତିୱାରୀ, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ସରକାରଙ୍କର ବିଭିନ୍ନ ବିଭାଗର ଅଧିକାରୀ ସିଡ଼ିଏଓ ସମ୍ବଲପୁର ପ୍ରଦୀପ ହୋତା, ବିଡିଓ, ରେଙ୍ଗାଲି, ପ୍ରୀତମ ତନ୍ତୀ, ତହସିଲଦାର ତକ୍ଷ ରାଜ ଭିତ୍ରିଆ, ଆରଟିଓ ସମ୍ବଲପୁର, ରାମଦାସ ଟୁଡୁ, ସୁପରିଟେଣ୍ଟ ଲଇଡା ସିଏଚସି ଡକ୍ଟର ଆସି ରଞ୍ଜନ ମାଝୀ, ପିଏଚସି ରେଙ୍ଗାଲିର ଅଧିକାରୀ ଡ଼ାକ୍ତର ଶୁଭମ୍ ସିଂ ଉପସ୍ଥିତ ରହିଥିଲେ। ଆଦିତ୍ୟ ଆଲୁମିନିୟମ ଅଧିକାରୀ କ୍ଲଷ୍ଟର ମାନବସମ୍ବଳ ମୁଖ୍ୟ ଡକ୍ଟର କ୍ରିଷ୍ଣା ପାଢ଼ୀ, ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ, ମାନବସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର ଏବଂ ସିଏସଆର ମୁଖ୍ୟ ରବି ନିୱାସ ଉପସ୍ଥିତ ରହିଥିଲେ।

**ଇରାନ୍ ଯୁଦ୍ଧରୁ ଟ୍ରମ୍ପଙ୍କ ୟୁ-ଟର୍ଣ୍ଣର ପ୍ରଭାବ**

# ଅଶୋଧିତ ତୈଳ ଦରରେ ୧୩% ହ୍ରାସ

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି)**




ହଠାତ୍ ଇରାନ ଯୁଦ୍ଧରୁ ୟୁ-ଟର୍ଣ୍ଣ ନେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଇରାନ ସହିତ ଯୁଦ୍ଧ ଶେଷ କରିବା ପାଇଁ ଆଲୋଚନା ପରେ ଟ୍ରମ୍ପ ଇରାନ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣକୁ ୫ ଦିନ ପାଇଁ ସ୍ଥଗିତ ରଖିବା ନେଇ ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପ୍ରଭାବ ବିଶ୍ୱ ଅଶୋଧିତ ତୈଳ ବଜାର ଉପରେ ପଡିଛି। ଏଥିରେ ହଠାତ୍ ବିଶ୍ୱ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୪% ରୁ ଅଧିକ ହ୍ରାସ ପାଇ ୯୬ ଡଲାରକୁ ଖସିଆସିଛି।

ବ୍ରେଣ୍ଟ ଅଶୋଧିତ ତୈଳ ପ୍ରାୟ ୧୭ ଡଲାର କିମ୍ବା ୧୫% ହ୍ରାସ ପାଇ ବ୍ୟାରେଲ ପ୍ରତି ବ୍ୟାରେଲ ପ୍ରତି ସେସନର ସର୍ବନିମ୍ନ ଡଲାର ୯୬କୁ ପହଞ୍ଚିଛି। ଏହି ସମୟରେ, ଆମେରିକାର ପଶ୍ଚିମ ଟେକ୍ସାସ ଇଣ୍ଟରମିଡିଏଟ୍ ମଧ୍ୟ ୧୩ ଡଲାର କିମ୍ବା ପ୍ରାୟ ୧୩.୫% ହ୍ରାସ ପାଇ ବ୍ୟାରେଲ ପ୍ରତି ୮୫.୨୮ ଡଲାରକୁ ଖସି ଆସିଛି। ଏହି ସମୟରେ, ପ୍ରମୁଖ ନିବେଶକ ବ୍ୟାଙ୍କ ଗୋଲ୍ଡମ୍ୟାନ୍ ସ୍ୟାଚ୍ ଏହାର ତୈଳ ମୂଲ୍ୟ ନେଇ ପୂର୍ବାନୁମାନ ବୃଦ୍ଧି କରିଛି। ବ୍ୟାଙ୍କ ଆକଳନ କରିଛି ଯେ ମାର୍ଚ୍ଚ ଏବଂ ଏପ୍ରିଲରେ ବ୍ରେଣ୍ଟ ଅଶୋଧିତ ତୈଳ ପ୍ରତି ବ୍ୟାରେଲ ହାରାହାରି ୧୧୦ ଡଲାର ହେବ, ଯାହା ପୂର୍ବରୁ ୯୮ ଡଲାର ଥିଲା। ଏହି ସମୟରେ, ଡବ୍ଲ୍ୟୁଟିଆଇ ମାର୍ଚ୍ଚରେ ୯୮ ଡଲାର ଏବଂ ଏପ୍ରିଲରେ ୧୦୫ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ବିଶ୍ଳେଷକମାନେ କହିଛନ୍ତି ଯେ ଯଦି ହର୍ମୁଜ୍ ପ୍ରଣାଳୀରୁ ତୈଳ ଯୋଗାଣ ସାଧାରଣ ସ୍ତରର କେବଳ ୫% ପର୍ଯ୍ୟନ୍ତ ସୀମିତ ରହେ, ତେବେ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ। ଯୋଗାଣ ଅଭାବ ଏବଂ ସୀମିତ ଅତିରିକ୍ତ ଉତ୍ପାଦନ କ୍ଷମତା ଯୋଗୁଁ, ସରକାର ତେଁ ସଂରକ୍ଷଣ ବୃଦ୍ଧି କରିପାରନ୍ତି, ଯାହା ମୂଲ୍ୟକୁ ଆହୁରି ଚାପ ପକାଇପାରେ।

ଗୋଲ୍ଡମ୍ୟାନ୍ ସ୍ୟାଚ୍ ଆହୁରି ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଯଦି ଏହି ଯୋଗାଣ ଅଭାବ ୧୦ ସପ୍ତାହ ପର୍ଯ୍ୟନ୍ତ ଜାରି ରହେ, ତେବେ ବ୍ରେଣ୍ଟ କ୍ରୁଡ୍ ଏହାର ୨୦୦୮ ଶିଖର ସ୍ତରକୁ ଅତିକ୍ରମ କରିପାରେ। ୨୦୦୮ ଜୁଲାଇରେ ବ୍ରେଣ୍ଟ କ୍ରୁଡ୍ ପ୍ରାୟ ୧୪୭ ପ୍ରତି ବ୍ୟାରେଲକୁ ପହଞ୍ଚିଥିଲା। ଏହି ସମୟରେ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ କହିଛନ୍ତି ଯେ ତୈଳ ମୂଲ୍ୟର ନିକଟ ଭବିଷ୍ୟତ ଅତ୍ୟନ୍ତ ଅନିଶ୍ଚିତ, ଏବଂ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପରିସ୍ଥିତି କିପରି ଦେଖାଦେବ ତାହା ଉପରେ ବହୁତ କିଛି ନିର୍ଭର କରିବ। ସାମଗ୍ରିକ ଭାବରେ ବର୍ତ୍ତମାନ ତୈଳ ବଜାର କିଛି ଆଶ୍ୱସ୍ତି ଅନୁଭବ କରୁଥିବା ପରି ମନେ ହେଉଛି। ତଥାପି, ଯୋଗାଣ ଏବଂ ଭୂ-ରାଜନୈତିକ ପରିସ୍ଥିତି ଉପରେ ନିର୍ଭର କରି ମୂଲ୍ୟରେ ଆହୁରି ଉତ୍ଥାନ-ପତନ ଜାରି ରହିପାରେ।

## ଧୋନୀ ଭୀମ୍ ପେମେଣ୍ଟସ୍ ଆପ୍‌ର ବ୍ରାଣ୍ଡ ଆମ୍ବାସାଡର୍

**ନୂଆଦିଲ୍ଲୀ, ୨୩।୩ :** ଏନ୍‌ପିସିଆଇ ଭୀମ୍ ସର୍ଭିସେସ୍ ଲିମିଟେଡ୍ (ଏନ୍‌ବିଏସ୍‌ଏଲ) ଆଜି ପୂର୍ବତନ ଭାରତୀୟ କ୍ରିକେଟ୍ ଦଳ କ୍ୟାପଟେନ୍ ଏବଂ ବିଶ୍ୱକପ୍ ବିଜେତା ମହେନ୍ଦ୍ର ସିଂହ ଧୋନୀଙ୍କୁ ଭୀମ୍ ପେମେଣ୍ଟସ୍ ଆପ୍‌ର ଭାରତ କା ପେମେଣ୍ଟସ୍ ଆପ୍" ପାଇଁ ବ୍ରାଣ୍ଡ ରାଷ୍ଟ୍ରଦୂତ ଭାବରେ ଘୋଷଣା କରିଛି। ଏହି ସହଯୋଗ ବିଶ୍ୱାସ, ଅଖଣ୍ଡତା ଏବଂ ନିର୍ଭରଯୋଗ୍ୟତା ସହିତ ଜଡିତ ଦୁଇଟି ପରିଚିତ ନାମକୁ ଏକାଠି କରନ୍ତୁ, ଯାହା ଯୁଗ ପରିବର୍ତ୍ତନ ଏବଂ ଭୌଗୋଳିକ ସୀମାବଦ୍ଧତା ସହିତ ଖାପ ଖୁଆଇଥାଏ। ଏ ସମ୍ପର୍କରେ ଏନ୍‌ବିଏସ୍‌ଏଲ୍‌ର ଏମ୍‌ଡି ଏବଂ ସିଇଓ ଲଳିତା ନଟରାଜ କହିଛନ୍ତି, ଭାରତରେ ଡିଜିଟାଲ ଦେୟ ବୃଦ୍ଧି ପାଉଥିବାବେଳେ, ପରବର୍ତ୍ତୀ ବୃଦ୍ଧି ପର୍ଯ୍ୟାୟକୁ ପ୍ରାଥମିକତା ଦିଆଯିବ। ଧୋନୀଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବରେ ନିଯୁକ୍ତ କରି ଭୀମ୍ ପେମେଣ୍ଟସ ଆପ୍ କେବଳ ପେମେଣ୍ଟକୁ ଏକ ବିକଳ୍ପ ନୁହେଁ, ବରଂ ପ୍ରତ୍ୟେକ ଭାରତୀୟ ପରିବାର ସଦସ୍ୟଙ୍କ ପସନ୍ଦର ଆପ୍ ସ୍ଥାପିତ କରିବା ପାଇଁ ଲକ୍ଷ୍ୟ ରଖିଛୁ।




# ମଧ୍ୟ ପ୍ରାଚ୍ୟ ଅସ୍ଥିରତାରେ ଭୁଶୁଡ଼ିଲା ସେୟାର ବଜାର

- ■ ସେନ୍‌ସେକ୍ସରେ ୧୮୩୬ ପଏଣ୍ଟ ହ୍ରାସ
- ■ ସୂଚକାଙ୍କ ୭୩ ହଜାର ପଏଣ୍ଟ ତଳକୁ ଖସିଲା
- ■ ବଜାର ବୁଡାଇଲେ ଯୁଦ୍ଧ- ତୈଳ- ଟଙ୍କା-ଏଫଆଇଆଇ
- ■ ମାର୍ଚ୍ଚ ମାସରେ ୮,୫୯୦ ପଏଣ୍ଟ ଖସିଲାଣି




**ମୁମ୍ବାଇ,୨୩।୩(ଏଜେନ୍ସି):** ସୋମବାର ଭାରତୀୟ ଷ୍ଟକ୍ ବଜାରରେ ଏକ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଏଥିଯୋଗୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନସେକ୍ସ ୭୩ ହଜାର ପଏଣ୍ଟ ତଳକୁ ଖସିଆସିଛି। କାରଣ ଆଜିର କାରବାରରେ ସେନସେକ୍ସରେ ୧୮୩୬ ପଏଣ୍ଟର ବୃହତ୍ ହ୍ରାସ ଘଟିଛି। ଯୁଦ୍ଧ- ତୈଳ- ଟଙ୍କା-ଏଫଆଇଆଇ ମିଳିମିଶି ହିଁ ଭାରତୀୟ ସେୟାର ବଜାରକୁ ବୁଡାଇଛନ୍ତି। ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି, ଟଙ୍କା ଦୁର୍ବଳ ହେବା ଏବଂ ଅନ୍ୟାନ୍ୟ କାରଣଗୁଡ଼ିକ ନିବେଶକଙ୍କ ବିଶ୍ୱାସକୁ ଦୁର୍ବଳ କରିଛି। ଫଳରେ ବଜାରରେ ଏଭଳି ହ୍ରାସ ଘଟିଛି। ଏମିତିକି କେବଳ ମାର୍ଚ୍ଚ ମାସରେ ସେନ୍‌ସେକ୍ସରେ ୮,୫୯୦ ପଏଣ୍ଟ ଖସିଲାଣି। ଫଳରେ ନିବେଶକମାନେ ଆଜି ଗୋଟିଏ ଦିନରେ ୧୪ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ସେନସେକ୍ସରେ ୧୮୩୭ ପଏଣ୍ଟ ହ୍ରାସ ଘଟି ୭୨, ୬୯୬ ପଏଣ୍ଟରେ ବନ୍ଦ ହୋଇଛି। ପୂର୍ବ ଦିନର କାରବାରରେ ସେନସେକ୍ସ ୧୯୭୪.୫୨ ପଏଣ୍ଟ ହ୍ରାସ ପାଇ ୭୨,୫୫୮.୪୩ ପଏଣ୍ଟରେ କାରବାର ଶେଷ ହୋଇଥିଲା। ୨୦୨୪ ମେ ୨୩ ପରଠାରୁ ଏହା ସବୁଠୁ ସର୍ବନିମ୍ନ ସ୍ତର। ଅନ୍ୟପକ୍ଷରେ, ନିଫ୍ଟିରେ ୬୦୧ ପଏଣ୍ଟ ହ୍ରାସ ପାଇ ୨୨,୫୧୩ ପଏଣ୍ଟ ରେ ବନ୍ଦ ହୋଇଥିଲା। ବାଣିଜ୍ୟ ଅଧିବେଶନ ସମୟରେ ନିଫ୍ଟି ପ୍ରାୟ ୬୪୩ ପଏଣ୍ଟ ହ୍ରାସ ପାଇ ୨୨,୪୭୧ ପଏଣ୍ଟରେ ବହୁ ମାସ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ନିଫ୍ଟି ୨,୬୬୬ ପଏଣ୍ଟ ଅର୍ଥାତ୍ ମାର୍ଚ୍ଚ ମାସରେ ପ୍ରାୟ ୧୧ ପ୍ରତିଶତ ହ୍ରାସ ପାଇଛି। ପ୍ରବଳ ବିକ୍ରି ଚାପ ଯୋଗୁଁ ବିଏସ୍‌ଇରେ ତାଲିକାଭୁକ୍ତ ସମସ୍ତ କମ୍ପାନୀର ମୋଟ ବଜାର ପୁଞ୍ଜି ୧୪ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ସହିଛି, ଯାହା ଫଳରେ ଏହା ୪୧୪.୭୭ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ଆଜିର କାରବାରରେ ଟାଇଟାନ୍ ଏବଂ ଟ୍ରେଣ୍ଟ ସେନସେକ୍ସରେ ସବୁଠାରୁ ଅଧିକ କ୍ଷତି ସହିଛନ୍ତି। ଟାଟା ଗ୍ରୁପର ଉଭୟ ଷ୍ଟକ୍ ପ୍ରାୟ ୬% ହ୍ରାସ ପାଇଥିଲା। ଅଲଟ୍ରାଟେକ୍ ସିମେଣ୍ଟ, ଭାରତ ଇଲେକ୍ଟ୍ରୋନିକ୍ସ (ବେଲ), ଇଣ୍ଡିଗୋ ଏବଂ ଟାଟା ଷ୍ଟିଲ୍ ମଧ୍ୟ ପ୍ରାୟ ୫% ହ୍ରାସ ପାଇଥିଲା। ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଚଳିତସପ୍ତାହାନ୍ତରେ ବୃଦ୍ଧି ପାଇଛି। ଦୁଇ ଦେଶ ମଧ୍ୟରେ କ୍ଷେପଣାସ୍ତ୍ର ବମାଡ଼ ଜାରି ରହିଥିବାବେଳେ, ସେମାନଙ୍କର ଶୀର୍ଷ ନେତାଙ୍କ ଧମକ ତେଲ ସମୃଦ୍ଧ ମଧ୍ୟପ୍ରାଚ୍ୟରେ ସଂଘର୍ଷକୁ ଆହୁରି ବୃଦ୍ଧି ପାଇବାର ଚିନ୍ତା ବଢ଼ାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ଇରାନ ପାଇଁ ସୋମବାର ସମୟସୀମା ସ୍ଥିର କରିଛନ୍ତି।

## ଦେଶର ସର୍ବୋତ୍ତମ ବିଦ୍ୟୁତ ବିତରଣ କମ୍ପାନୀ ତାଲିକାରେ ଟାଟା ପାୱାର ଓଡ଼ିଶା ଡିସକମ୍

**ଭୁବନେଶ୍ୱର, ୨୩।୩(ସମିସ):** କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୪-୨୫ର ବିତରଣ କମ୍ପାନୀର ଉପଭୋକ୍ତା ସେବା ମୂଲ୍ୟାଙ୍କନ ରିପୋର୍ଟ (ସିଏସଆରଡି ରେ ଓଡ଼ିଶାର ୪ଟି ଯାକ ଡିସକମ୍ ଯଥା ଟିପିସିଓଡିଏଲ, ଟିପିଏସଓଡିଏଲ, ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ଟିପିଏନଓଡିଏଲ ଦେଶର ସର୍ବୋତ୍ତମ ପ୍ରଦର୍ଶନକାରୀ ୟୁଟିଲିଟି ମଧ୍ୟରେ ସ୍ଥାନ ପାଇଛନ୍ତି। ଟାଟା ପାୱାର ନେତୃତ୍ୱରେ ପରିଚାଳିତ ଏହି ଚାରୋଟିଯାକ ଡିସକମ୍ 'ଏ' ମାନ୍ୟତା ପାଇ ପ୍ରମାଣିତ କରିଛନ୍ତି ଯେ ବିଦ୍ୟୁତ ବିତରଣ କ୍ଷେତ୍ରରେ ହୋଇଥିବା ସଂସ୍କାର ପାଇଁ ଓଡ଼ିଶା ଆଜି ସାରା ଭାରତରେ ଏକ ଅଗ୍ରଣୀ ଓ ଆଦର୍ଶ ମଡେଲ୍‌ରେ ପରିଣତ ହୋଇଛି। ରାଜ୍ୟର ପ୍ରାୟ ୧ କୋଟି ଉପଭୋକ୍ତାଙ୍କୁ ସେବା ଯୋଗାଉଥିବା ଏହି ଡିସକମ୍ ଗୁଡ଼ିକ ସମଗ୍ର ରାଜ୍ୟରେ ଭରସାଯୋଗ୍ୟ ଏବଂ ଗ୍ରାହକ-କୈନ୍ଦ୍ରିକ ବିଦ୍ୟୁତ ଯୋଗାଣ ପାଇଁ ସେମାନଙ୍କର ପ୍ରତିବଦ୍ଧତା ଜାରି ରଖିଛନ୍ତି। ବିଦ୍ୟୁତ ଜନିତ ତ୍ରୁଟିର ସମାଧାନ ଏବଂ ଉପଭୋକ୍ତାଙ୍କ ଅଭିଯୋଗର ସମାଧାନ କ୍ଷେତ୍ରରେ ସେମାନେ 'ଏ' ଏବଂ 'ଏ+' ମାନ୍ୟତା ହାସଲ କରିଛନ୍ତି। ଏହା ଉପଭୋକ୍ତାଙ୍କ ସମସ୍ୟାକୁ ସଠିକ୍ ସମୟରେ ଦୂର କରିବା ପାଇଁ ସେମାନଙ୍କର ତତ୍ପରତା ଓ ନିଷ୍ଠାକୁ ପ୍ରମାଣିତ କରୁଛି। ନିଜର ପରିଚାଳନାଗତ ଦକ୍ଷତାକୁ ଆହୁରି ସୁଦୃଢ଼ କରି ଓଡ଼ିଶାର ଚାରୋଟିଯାକ ଡିସକମ୍ ପରିଚାଳନା କ୍ଷେତ୍ରରେ ନିର୍ଭରଯୋଗ୍ୟତା ପାଇଁ 'ଏ+' ମାନ୍ୟତା ହାସଲ କରିଛନ୍ତି।

**ମୋବାଇଲ ଡାଟା ରୋଲ୍‌ଓଭର୍ ପ୍ରସଙ୍ଗ**

# ୟୁଜର୍ସଙ୍କୁ ମୋବାଇଲ୍ ଡାଟା ଟ୍ରାନ୍ସଫର ସୁବିଧା ମିଳୁ

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି)**

ସଂସଦରେ ଉଠିଛି ମୋବାଇଲ୍ ଡାଟା ରୋଲଓଭର ପ୍ରସଙ୍ଗ। ଆପ୍ ସାଂସଦ ରାଘବ ଚଡ଼ା ସଂସଦରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ସେ ଦାବି କରିଛନ୍ତି ଯେ ଉପଭୋକ୍ତାଙ୍କ ଅବ୍ୟବହୃତ ଡାଟାକୁ ପରବର୍ତ୍ତୀ

**ସଂସଦରେ ଦାବି ଉଠାଇଲେ ସାଂସଦ ରାଘବ ଚଢ଼ା**

**ଅବ୍ୟବହୃତ ଡାଟା ପରବର୍ତ୍ତୀ ଦିନ କିମ୍ବା ମାସକୁ ସ୍ଥାନାନ୍ତର ହେଉ**

ଦିନ କିମ୍ବା ମାସକୁ 'କ୍ୟାରିଅର ଫରୱାର୍ଡ' ହେବାର ବ୍ୟବସ୍ଥା କରାଯାଉ। ଏଥିରେ ବ୍ୟବହାରକାରୀଙ୍କୁ ଡାଟା ସ୍ଥାନାନ୍ତର କରିବାକୁ ଅନୁମତି ଦିଆଯାଉ। ଚଢା କହିଥିଲେ ଯେ କମ୍ପାନୀଗୁଡ଼ିକ ଅବ୍ୟବହୃତ ଡାଟା ପାଇଁ ଦେୟ ନିଅନ୍ତି, କିନ୍ତୁ ଏହାର ଅବଧି ସମାପ୍ତ ହେବାକୁ ଦିଅନ୍ତୁ। ଏହି ପ୍ରସଙ୍ଗ ଉଠାଇ ଟେଲିକମ୍ କମ୍ପାନୀଗୁଡ଼ିକୁ ପୁଣି ଆଇନା ଦେଖାଇଛନ୍ତି ରାଘବ ଚଢ଼ା। ଏବେ ସେ ସଂସଦରେ ଡାଟା ଟ୍ରାନ୍ସଫର ଏବଂ ଡାଟା ରୋଲଓଭର ଭଳି ପ୍ରସଙ୍ଗ ଉଠାଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଉପଭୋକ୍ତାଙ୍କ ମଧ୍ୟରେ ଡାଟା ଟ୍ରାନ୍ସଫର ଲାଗି ସୁବିଧା ଉପଲବ୍ଧ ହେବା ଦରକାର ବୋଲି ସେ କହିଛନ୍ତି।




ଜଣେ ୟୁଜର୍ସଙ୍କୁ ଦୈନିକ ୧.୫ କିମ୍ବା ୨ଜିବି ଡାଟା ମିଳିଥାଏ। ହେଲେ ରାତି ୧୨ ଯା ପରେ ଅବଶିଷ୍ଟ ଡାଟା ଶେଷ ହୋଇଯାଏ। ଏହି ଡାଟାକୁ ଉପଭୋକ୍ତା ପରଦିନ ବ୍ୟବହାର କରିପାରନ୍ତିନାହିଁ। କିନ୍ତୁ ବ୍ୟବହାର ହେଉ ନ ଥିବା ଡାଟା ପାଇଁ ମଧ୍ୟ ଉପଭୋକ୍ତା ଟଙ୍କା ଦେଇଥାନ୍ତି। ହେଲେ ଏଭଳି ସ୍ଥଳେ କମ୍ପାନୀଗୁଡ଼ିକ ବାକି ଥିବା ଡାଟା ନିଜେ ସଂରକ୍ଷଣ କରିନିଅନ୍ତି। ଏଥିରେ ସେ ପେଟ୍ରୋଲର ଉଦାହରଣ ଦେଇଛନ୍ତି। ସେ ଏକ ଉଦାହରଣ ଦେଇ କହିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ଗାଡ଼ି ପାଇଁ ୫ ଲିଟର ପେଟ୍ରୋଲ୍ କ୍ରୟ କରନ୍ତି, ସେ ପେଟ୍ରୋଲ୍ ଶେଷ ହେବା ଯାଏଁ ଏହାକୁ ବ୍ୟବହାର କରନ୍ତି। କୌଣସି ପେଟ୍ରୋଲ୍ ପମ୍ପ ମାଲିକ ତାଙ୍କୁ ପେଟ୍ରୋଲ୍ ଫେରସ୍ତ ମାଗନ୍ତି ନାହିଁ । ସେଚଯୁକ୍ତି ଦର୍ଶାଇଛନ୍ତି ଯେ, ଯେଉଁଭଳି ସବୁ ପେଟ୍ରୋଲ ବ୍ୟବହାର କରିବାକୁ ଅଧିକାର ରହିଛି, ସେହିଭଳି ସବୁ ଡାଟା ବ୍ୟବହାର କରିବାକୁ ଉପଭୋକ୍ତା ସକ୍ଷମ ହେବା ଜରୁରୀ। ତେଣୁ, ଡାଟା ରୋଲଓଭରକୁ ମଧ୍ୟ ଅନୁମତି ଦିଆଯିବା ଉଚିତ। ଏଥିରେ ରାଘବ ଚଢା କେତେକ ଦେଶର ଉଦାହରଣ ଦେଇଛନ୍ତି। ସେ କହିଛନ୍ତି ଯେ, ଗୋଟିଏ ଦିନରେ ବ୍ୟବହୃତ ହୋଇ ନ ଥିବା ଡାଟାକୁ ପରବର୍ତ୍ତୀ ଦିନର ଡାଟା ସୀମାରେ ଯୋଡାଯିବା ଉଚିତ। ଆମେରିକା, ୟୁରୋପ, ନେଦରଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆ ସମେତ ବିଶ୍ୱର ଅନେକ ଦେଶରେ ଡାଟା ରୋଲଓଭର ସୁବିଧା ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯେଉଁଭଳି ଫୋନ ମାଧ୍ୟମରେ ଟଙ୍କା ସ୍ଥାନାନ୍ତର କରିବାର ସୁବିଧା ରହିଛି, ସେହିଭଳି ଡାଟା ସ୍ଥାନାନ୍ତର ଲାଗି ଅନୁମତି ମିଳିବା ଜରୁରୀ।

## ୧୪ .୨ କେଜି ସିଲିଣ୍ଡରରେ ମିଳିବ ୧୦ କେଜି ଗ୍ୟାସ୍

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଏବଂ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷର ପ୍ରଭାବ ଏବେ ସାଧାରଣ ଲୋକଙ୍କ ରୋଷେଇ ଘରେ ପହଞ୍ଚିବାରେ ଲାଗିଛି। ହର୍ମୁଜ୍ ପ୍ରଣାଳୀ ଅବରୋଧ ହେବା ଦ୍ୱାରା ଭାରତରେ ତେଲ ଏବଂ ଗ୍ୟାସ ଯୋଗାଣ ଉପରେ ଚାପ ବୃଦ୍ଧି ପାଇଛି। ଦେଶରେ ଏଲପିଜି ଷ୍ଟକ୍ ଦ୍ରୁତ ଗତିରେ ହ୍ରାସ ପାଉଛି। ଫଳସ୍ୱରୂପ, ସରକାରୀ ତେଲ କମ୍ପାନୀଗୁଡ଼ିକ ବିକଳ୍ପ ଯୋଜନାରେ କାମ କରୁଛନ୍ତି।

**ସରକାର କହିଲେ ଗୁଜବ**

ଏହି ପରିପ୍ରେକ୍ଷୀରେ, ସୋସିଆଲ ମିଡିଆରେ ଦାବି କରାଯାଉଛି ଯେ ସରକାର ଏଲପିଜି ସିଲିଣ୍ଡରରେ ଗ୍ୟାସ ପରିମାଣ ହ୍ରାସ କରିବା ବିଷୟରେ ବିଚାର କରୁଛନ୍ତି। ଯୋଜନା ଅନୁଯାୟୀ, ଘରୋଇ ବ୍ୟବହାର ପାଇଁ ୧୪.୨ କିଲୋଗ୍ରାମ ଏଲପିଜି ସିଲିଣ୍ଡରରେ ଗ୍ୟାସର ପରିମାଣ ପ୍ରାୟ ୧୦ କିଲୋଗ୍ରାମକୁ ହ୍ରାସ କରାଯାଉଛି, ଯାହା ଦ୍ୱାରା ସୀମିତ ଷ୍ଟକ୍ ଯଥାସମ୍ଭବ ପରିବାରକୁ ବଣ୍ଟନ କରାଯାଇପାରିବ। ତଥାପି, ସରକାର ଏବେ ଏହାକୁ ଖଣ୍ଡନ କରିଛନ୍ତି।

## ଟିକଟ୍ ମୂଲ୍ୟ ନିର୍ଦ୍ଧାରଣ କରିବେ ବିମାନ କମ୍ପାନୀ

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ଖବ୍ ଶୀଘ୍ର ଦେଶରେ ବିମାନ ଯାତ୍ରା ମହଙ୍ଗା ହେବ। କାରଣ ସରକାର ଆଉ ବିମାନ ଭଡ଼ା ସ୍ଥିର କରିବେନି। ବିମାନ କମ୍ପାନୀଙ୍କୁ ବଜାର ପରିସ୍ଥିତି ଓ ବଢୁଥିବା ବ୍ୟୟ ଅନୁସାରେ ଟିକଟ୍ ମୂଲ୍ୟ ନିର୍ଦ୍ଧାରଣ କରିବା ଅଧିକାର ମିଳିଯାଇଛି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଏହି ପଦକ୍ଷେପ ଯୋଗୁ ନିଷ୍ପତ୍ତି ଏବେ ବିମାନ କମ୍ପାନୀଗୁଡିକୁ ଭଡ଼ା ନିଣ୍ଣୟ କରିବାର ପୂର୍ଣ୍ଣ କ୍ଷମତା ମିଳିଛି। ଏଣୁ ପରିଚାଳନା ସମ୍ପର୍କିତ ବାଧା ସମୟରେ ଭଡ଼ା ସ୍ଥିର କରିବାକୁ ଅସ୍ଥାୟୀ ମୂଲ୍ୟ ସୀମା ସମାପ୍ତ ହୋଇଯାଇଛି। ଏହି ସୀମା ହଟିବା ପରେ ଏବେ ଅନୁମାନ କରାଯାଉଛି ଏୟାରଲାଇନ୍ସଗୁଡିକ ଏବେ ଧିରେ ଧିରେ ଟିକଟ ମୂଲ୍ୟ ବଢାଇବେ। ଏହି ମୂଲ୍ୟ ବୃଦ୍ଧି ଖାସ କରି ଅଧିକ ଚାହିଦା ଥିବା ମାର୍ଗଗୁଡିକରେ ହେବ। ସରକାରଙ୍କ ଏହି ନିଷ୍ପତ୍ତି ପରେ ଅନୁମାନ କରାଯାଉଛି, ଯାତ୍ରୀମାନେ ଏଣିକି ବିମାନ ଟିକଟ ମୂଲ୍ୟରେ ୨୦୦ରୁ ୧,୫୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଭଡ଼ା ଗଣିବେ, ଯାହା ଏୟାରଲାଇନ, ରୁଟ ଓ ବୁକିଂ ୱିଣ୍ଡୋ ଉପରେ ନିର୍ଭର କରିବ। ନିକଟରେ ଭାରତରେ ଏୟାରଲାଇନ୍ସଗୁଡିକ ପୂର୍ବରୁ ଫୁଏଲ ସରଚାର୍ଜ ଲାଗୁ କରିସାରିଛନ୍ତି। ଏଣୁ ଦିଲ୍ଲୀ-ମୁମ୍ବାଇ ଓ ମୁମ୍ବାଇ-ବେଙ୍ଗାଲୁରୁ ଭଳି ବ୍ୟସ୍ତବହୁଳ ମାର୍ଗରେ ବିଶେଷ କରି ବ୍ୟସ୍ତତା ସମୟରେ ଭଡାରେ ୧,୫୦୦ ବା ତାଠାରୁ ଅଧିକ ବୃଦ୍ଧି ହୋଇପାରେ। ତେବେ ଇକୋନୋମି ଶ୍ରେଣୀର ଟିକଟରେ ମାମୁଲି ବୃଦ୍ଧିର ଅନୁମାନ କରାଯାଉଥିବାବେଳେ ଶେଷ ସମୟରେ ବୁକିଂ ଓ ବ୍ୟବସାୟିକ ଯାତ୍ରା ସେଗମେଣ୍ଟରେ ଅଧିକ ଚାହିଦା ଓ ପ୍ରିମିୟମ ସ୍ଥିତି କାରଣରୁ ଟିକଟ୍ ମୂଲ୍ୟ ଅଧିକ ହୋଇପାରେ। ଲୋ କଷ୍ଟ ଏୟାର ଲାଇନ୍ସଙ୍କ ମଧ୍ୟରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପ୍ରାରମ୍ଭିକ ଭଡ଼ାରେ ୩୦୦ରୁ ୯୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଆକଳନ କରାଯାଉଛି। ସେହିପରି ସ୍ପାଇସ୍ ଜେଟ୍ ଭଡ଼ା ବୃଦ୍ଧିକୁ ୨୦୦ରୁ ୮୦୦ ମଧ୍ୟରେ ସୀମିତ ରଖିପାରେ।

- ■ ବଢ଼ିବ ବିମାନ ଭଡ଼ା
- ■ ଟିକଟ ମୂଲ୍ୟରେ ୧,୫୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ



